# ତହସିଲଦାର କରଞ୍ଜିଆଙ୍କ ଅଦାଲତ,କରଞ୍ଜିଆ

**De-Reservation case No. 06/2024**

ଇସ୍ତାହାର ସଂଖ୍ୟା- ୦୬/୨୦୨୪ ତାରିଖ – ୧୫/୧୨/୨୦୨୪

ଏତଦଦ୍ବାରା ସର୍ବସାଧାରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛିକି ଯେ ମୌଜା - ବାଟପଲଶା ତଫସିଲ ଭୁକ୍ତର ସ୍ୱତ୍ତ୍ୱ ରକ୍ଷିତ ସ୍ଥଳେ ଆବାଦ ଯୋଗ୍ୟ ଅନାବାଦି ଏବଂ କିସମ ଗୋଚର ସ୍ଥଳେ ବସ୍ତି ଯୋଗ୍ୟକୁ ପରିବର୍ତନ କରିବା ପାଇଁ ଉକ୍ତ ମୋକର୍ଦ୍ଦମାଟି ଆଗତ କରାଯାଇଅଛି । ନିମ୍ନ ତଫସିଲ ଭୁକ୍ତ ଜମି ଉପରେ ୧୧ ଜଣ ଭୂମିହିନ ଆଦିବାସୀ ଲୋକମାନେ ଦୀର୍ଘ ଦିନ ଧରି ଘର କରି ରହିଆସୁଛନ୍ତି । ସରକାରଙ୍କ ବସୁନ୍ଧରା ଯୋଜନାରେ ସେମାନଙ୍କୁ ଘରଡିହ ପଟ୍ଟା ଦେବା ପାଇଁ ସ୍ଥିରକୃତ ହୋଇଅଛି । ଏଣୁ ଇସ୍ତାହାର ଜଣାଇ ଦିଆଯାଉଅଛି କି ଉକ୍ତ ଇସ୍ତାହାର ପ୍ରକାଶନର ୧୫ ଦିନ ମଧ୍ୟରେ ଯଦି କାହାରି କୌଣସି ଆପତ୍ତି ଅଭିଯୋଗ ଥାଏ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଲିଖିତ ଆକାରରେ ଆପତ୍ତି ଦର୍ଶାଇପାରିବେ । ଧାର୍ଯ୍ୟ ତାରିଖ ପରେ ଆପତ୍ତି ଗ୍ରହଣ କରାଯିବ ନାହିଁ ଏବଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣକରାଯିବ ।

## ଜମିର ବିବରଣୀ

| ମୌଜା | ଖାତା | ପ୍ଲଟ | ଏରିଆ | କିସମ | ମନ୍ତବ୍ୟ |
|---|---|---|---|---|---|
| ବାଟପଲଶା | ୨୫୫ ରକ୍ଷିତ | ୪୬୭ | ଏ.୩୭.୩୪ ଡେ.ମି ରୁ ଏ.୦.୪୪ ଡେ.ମି. | ଗୋଚର | ସ୍ୱତ୍ତ୍ୱ ରକ୍ଷିତରୁ ଆବାଦ ଯୋଗ୍ୟ ଅନାବାଦି ଏବଂ କିସମ ଗୋଚରରୁ ବସ୍ତିଯୋଗ୍ୟ । |

ତହସିଲଦାର,କରଞ୍ଜିଆ

ଜ୍ଞାପକ ସଂଖ୍ୟା 5107 ତାରିଖ 18.12.24

ଏହାର ଏକ କିତା ନକଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ,ବାଟପଲଶା/ରାଜସ୍ୱ ନିରିକ୍ଷକ କର୍ଯ୍ୟାଳୟ, ବାଟପଲଶା/ତହସିଲଦାରଙ୍କ କାର୍ଯ୍ୟାଳୟ, କରଞ୍ଜିଆ/ଗୋଷ୍ଠୀଉନ୍ନୟନ ଅଧିକରୀଙ୍କ କାର୍ଯ୍ୟାଳୟ ,କରଞ୍ଜିଆ /ଉପ –ଜିଲ୍ଲାପାଳ ,କରଞ୍ଜିଆଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଗଲା ।

ତହସିଲଦାର,କରଞ୍ଜିଆ